## ଜାତୀୟ ରାଜପଥରେ ଡକାୟତି

# ସୁରକ୍ଷା କର୍ମୀଙ୍କଠାରୁ ବାଇକ୍, ମୋବାଇଲ ଓ ଟଙ୍କା ଲୁଟ୍

**ମୁରିବାହାଲ, ୧୯।୬(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଙ୍ଗରେଇ ଓଁ ମାଲପଡ଼ା ଖେଳ ପଡ଼ିଆଠାରେ ଗତ ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ଏକ ଡକାୟତି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗରଗଡ଼ବାହାଲ ଗ୍ରାମ ପଞ୍ଚାୟତ ହଦହଦା ଗ୍ରାମର ବ୍ୟୋମକେଶ ମିଶ୍ର ଜଣେ ଅବସରପ୍ରାପ୍ତ ସୈନିକ ଅଟନ୍ତି। ସେ ଟିଟିଲାଗଡ଼ ଜୀବନ ବୀମା କାର୍ଯ୍ୟାଳୟରେ ସୁରକ୍ଷା କର୍ମୀର୍ ଭାବରେ କାର୍ଯ୍ୟ କରନ୍ତି। ପ୍ରତେକ ଦିନ ଭଳି ମଙ୍ଗଳବାର ନିଜର କାର୍ଯ୍ୟ ସାରି ଟିଟିଲାଗଡ଼ରୁ ଏକ ବାଇକ ଯୋଗେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ୫୯ ନମ୍ବର ଜାତୀୟ ରାଜପଥ ମାଲପଡ଼ା ଓଁ ଙ୍ଗରେଇ ଖେଳ ପଡ଼ିଆ ନିକଟରେ ରାତି ପ୍ରାୟ ୧୧ ଘଣ୍ଟା ସମୟରେ ୫ ଜଣ ଦୁର୍ବୃତ୍ତ ପିଛା କରି ବ୍ୟୋମକେଶଙ୍କୁ ଅଟକାଇ ହଠାତ ମାରଣାସ୍ତ୍ର ଦ୍ୱାରା ଆକ୍ରମଣ କରିବା ସହ ତାଙ୍କ ବାଇକ୍, ମୋବାଇଲ ଓ ୫ ହଜାର ଟଙ୍କା ଥିବା ମନିପର୍ସ ଲୁଟି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ପରେ ତୁରେକେଲା ଥାନା ବଡ଼ବାଙ୍କୀ ଗ୍ରାମର ଜଣେ ସହୃଦୟ ବ୍ୟକ୍ତି ହୃଷୀକେଶ ଦାସ ସେହି ରାସ୍ତା ଦେଇ ଯାଉଥିବା ଅବସ୍ଥାରେ ଡକାୟତି ଓ ଆକ୍ରମଣ ଶିକାର ହୋଇ ଥିବା ଶ୍ରୀ ମିଶ୍ରଙ୍କୁ ତାଙ୍କ ବାଇକ ଯୋଗେ ଘରକୁ ଆଣିଥିଲେ। ଥାନାରେ ଲିଖିତ ଅଭିଯୋଗପରେ ମୁରିବାହାଲ ଥାନା ଅଧିକାରୀ ସୁପ୍ରିୟା ସୂରିୟା ଲୁଗୁନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଏକ ମାମଲା ରୁଜୁ କରିଛନ୍ତି। ବାରମ୍ବାର ଏହି ରାସ୍ତାରେ ବଡ଼ ଧରଣର ଚୋରି ଡକାୟତି ହେଉଥିବାରୁ ପୁଲିସ ପାଟ୍ରୋଲିଂ କରିବା ପାଇଁ ଦାବି ହେଉଛି।

## ମୌସୁମୀକୁ ଖୋଜୁଛି ଚାଷୀ

# ହେଉନି ସ୍ୱାଭାବିକ ବର୍ଷା, ଧାନ ଚାଷ ବିଳମ୍ବ ଆଶଙ୍କା

**ବଲାଙ୍ଗିର, ୧୭।୬(ସମିସ)**

ଚାଷୀ ମୁଣ୍ଡରେ ଖରିଫ ଚିନ୍ତା କିନ୍ତୁ ବର୍ଷାର ଦେଖାନାହିଁ। ଅକ୍ଷୟ ତୃତୀୟା ପରେ ଶିତଳଷଷ୍ଠୀ ବି ସରିଲା ତଥାପି ବଲାଙ୍ଗିରରେ ବର୍ଷା ହେଉ ନ ଥିବା ବେଳେ ଏଥର ବି ଚାଷ ବିଳମ୍ବିତ ହେବା ଏକ ପ୍ରକାର ନିଶ୍ଚିତ ହୋଇସାରିଛି। ଚଳିତ ବର୍ଷ ପାଣିପାଗ ବିଭାଗ ସୂଚନା ଅନୁସାରେ କମ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏବେଠୁ ଚିନ୍ତାରେ ପଡ଼ିଲାଣି ବଲାଙ୍ଗିର ଜିଲ୍ଲାର ଚାଷୀ। ଗତ ପ୍ରାୟ ୨ ମାସ ଭିତରେ ସେହିଭଳି କିଛି ଭଲ ବର୍ଷା ରେକର୍ଡ ହୋଇ ନ ଥିବା ବେଳେ ଯେଉଁ ଅଳ୍ପ କିଛି ପରିମାଣର ବର୍ଷା ହୋଇଛି ତାହା ଚାଷକାମ ପାଇଁ ପର୍ଯ୍ୟାପ୍ତ ନୁହଁ। ଫଳରେ ଚାଷୀ କରିବ କଣ, ସେହି ଚିନ୍ତାରେ ଦିନ କାଟୁଛି।

ପ୍ରାୟତଃ ବଲାଙ୍ଗିର ଜିଲ୍ଲାରେ ଜଳସେଚନର ହାର ବହୁତ କମ ରହିଥିବାରୁ ଖରିଫ ଚାଷ ସମ୍ପୂର୍ଣ୍ଣ ଭାବେ ବର୍ଷାଜଳ ଉପରେ ହିଁ ନିର୍ଭର କରିଥାଏ। ଜିଲ୍ଲାରେ ଥିବା ସମୁଦାୟ ଜମିର ୫୦ ପ୍ରତିଶତ ଜମି ଚାଷପଯୋଗୀ ହୋଇଥିବାରୁ ପ୍ରାୟତଃ ଖରିଫରେ ଧାନ ଚାଷ ହୋଇଥାଏ। ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାରେ ପ୍ରତିବର୍ଷ ପ୍ରାୟ ୩ ଲକ୍ଷ ୪୦ ହଜାରରୁ ୩ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ଚାଷ ହୋଇଥାଏ। ୧ ଲକ୍ଷ ୮୯ ହଜାର ୩୨୫ ହେକ୍ଟର ଜମିରେ ଅଧିକ, ୭୦ ହଜାର ୧୫୫ ହେକ୍ଟର ଜମିରେ ମଧ୍ୟମ ଓ ୮୫ ହଜାର ୯୯୫ ହେକ୍ଟର ଜମିରେ କମ ପରିମାଣର ଚାଷ ହୋଇଥାଏ। ଜିଲ୍ଲାର ପାଟଣାଗଡ଼ ବ୍ଲକରେ ସର୍ବାଧିକ ୪୧ ହଜାର ୧୨୦ ହେକ୍ଟର ଜମିରେ ଚାଷ କରାଯାଉଥିବା ବେଳେ ଗୁଡଭେଲା ବ୍ଲକରେ ସର୍ବନିମ୍ନ ୧୩ ହଜାର ୧୧୫ ହେକ୍ଟର ଜମିରେ ଚାଷ ହୋଇଥାଏ।





■ ଜୁନରେ ୧୮ ଦିନରେ ୬୦ ପ୍ରତିଶତ କମ ବର୍ଷା
■ ୭୫ ମିମି ହେବାସ୍ଥଳେ ମାତ୍ର ୨୯.୭ ମିମି ବର୍ଷା ହୋଇଛି

ପ୍ରତିବର୍ଷ କିଛି ନା କିଛି କାରଣରୁ ଜିଲ୍ଲାରେ ଚାଷ ପ୍ରଭାବିତ ହୋଇଥାଏ। କେତେବେଳେ ବର୍ଷାଧିକ ଯୋଗୁ ବନ୍ୟା ପରିସ୍ଥିତି ତ ପୁଣି କେତେବେଳେ ବର୍ଷାଭାବ ଯୋଗୁ ମରୁଡ଼ି ପରିସ୍ଥିତିରେ ଖରିଫ ଚାଷ ପ୍ରଭାବିତ ହୋଇଥାଏ। କିଛି ବର୍ଷ ଭଲ ଧାନ ଚାଷ ହୋଇଥାଏ। ଗତ ଖରିଫରେ ଭଲ ଧାନଚାଷ ହୋଇଥିବା ବେଳେ ଚଳିତ ବର୍ଷ ମୌସୁମୀର ମିଜାଜ କେମିତି ରହିବ ଓ ଚାଷ କେମିତି ହେବ ତାହା ଏବେଠାରୁ ଆକଳନ କରିବା ଆରମ୍ଭ ହୋଇଛି। ଜିଲ୍ଲାରେ ପ୍ରାୟ ୨ ଲକ୍ଷ ୪୯ ହଜାର ଚାଷୀ ରହିଥିବା ବେଳେ ୧ ଲକ୍ଷ ୭୭ ହଜାର ଭାଗଚାଷୀ, ୫୦ ହଜାର ୯୦୦ ଛୋଟଚାଷୀ ଓ ୨୦ ହଜାର ୭ଶହ ଜଣ ବଡ ଚାଷୀ ରହିଛନ୍ତି। ଜିଲ୍ଲାରେ ପ୍ରାୟ ୩ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ପ୍ରତିବର୍ଷ ଧାନ ଚାଷ ହେଉଥିବା ଜଣାପଡ଼ିଛି।

ଜିଲ୍ଲା ତଥା ପଶ୍ଚିମଓଡ଼ିଶାରେ ବିଶେଷ କରି ଅକ୍ଷୟତୃତୀୟାରେ ଅକ୍ଷିମୁଠୀ ମାରି ଚାଷ ଅନୁକୂଳ କରାଯାଇଥାଏ। ଜମି ହଳ କରିବା ପରେ ଶୀତଳଷଷ୍ଠୀ ବର୍ଷା ଉପରେ ଚାଷୀର ନଜର ରହିଥାଏ। ବର୍ଷା ଆରମ୍ଭ ହେବା ମାତ୍ର ଚାଷୀ ଚାଷ ପ୍ରକ୍ରିୟା ଆରମ୍ଭ କରିଥାଏ। ଚଳିତ ମାସ ସ୍ୱାଭାବିକ ଠାରୁ ୬୦ ପ୍ରତିଶତ କମ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଗତ ୧ ତାରିଖରୁ ୧୮ ତାରିଖ ମଧ୍ୟରେ ଜିଲ୍ଲାରେ ମାତ୍ର ୨୯.୯ ମିମି ବର୍ଷା ରେକର୍ଡ ହୋଇଛି। କିନ୍ତୁ ଏହି ୧୮ ଦିନ ଭିତରେ ପ୍ରାୟ ୭୫.୭ ମିମି ବର୍ଷା ହେବା କଥା। ଫଳରେ ୬୦ ପ୍ରତିଷତ କମ ବର୍ଷା ହୋଇଥିବାରୁ ଚାଷକାମ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ଜମି ମାନଙ୍କରେ ଆଜିର ଦିନ ବି ହଳ ଚାଲିପାରିନାହିଁ। ଏହିଠାରୁ ହିଁ ଅନୁମାନ କରାଯାଇପାରେ ଯେ ଜିଲ୍ଲାରେ ବର୍ଷାର ସ୍ଥିତି କଣ ରହିଛି ଓ ଆଗକୁ ଚାଷର ଅବସ୍ଥା କେଉଁ ଦିଗକୁ ଗତି କରୁଛି।

# ନାବାଳିକା ଅପହରଣ ଅଭିଯୋଗରେ ୨ ଗିରଫ

**ବଲାଙ୍ଗିର, ୧୯।୬(ସମିସ):** ଜଣେ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ବଲାଙ୍ଗିର ସଦର ପୁଲିସ ବୁଧବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶୁରୁବାବୁ ନନ୍ଦ (୨୨) ଓ ଜଗବନ୍ଧୁ ଖଡିଆ (୧୯)। ପ୍ରକାଶ ଯେ ଗତ ୧୭ ତାରିଖ ଦିନ ସଦେଇପାଲି ଅଞ୍ଚଳର ଜଣେ ମହିଳା ତାଙ୍କର ନାବାଳିକା ଝିଅ ନିଖୋଜ ଥିବା ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସମୟରେ ଶୁରୁବାବୁ ଓ ଜଗବନ୍ଧୁ ନାବାଳିକାକୁ ଅପହରଣ କରି ଦେଓଗାଁ ଅଞ୍ଚଳକୁ ନେଇ ଯାଇଥିବା ଜାଣିବାକୁ ପାଇଥିଲା। ସଦର ପୁଲିସ ଦେଓଗାଁ ଯାଇ ନାବାଳିକାକୁ ଉଦ୍ଧାର କରିଥିବା ବେଳେ ଦୁଇ ଜଣ ଅଭିଯୁକ୍ତକୁ ପଥରଚେପା ଗ୍ରାମରୁ ଗିରଫ କରିଥିବା ସୂଚନା ଦେଇଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।





# ବାଇକ୍ ସାଇଡ୍ କରିବାକୁ କହିବାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବଲାଙ୍ଗିର, ୧୯।୬(ସମିସ):** ବଲାଙ୍ଗିର ସହର ଆମ୍ ପଡ଼ାଠାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଲେ ବୁଦେଲବାହାଲି ଗ୍ରାମର ବ୍ରଜରାଜ ମିଶ୍ର। ମିଳିଥିବା ସୂଚନା ଅନୁସାରେ ବ୍ରଜରାଜ ଆଜି ସନ୍ଧ୍ୟାରେ ତାଙ୍କର କାର ସର୍ଭିସିଂ କରିବା ପାଇଁ ହୋଣ୍ଡା ସୋ ରୁମ୍‌କୁ ଆସିଥିଲେ। କାରକୁ ସୋ ରୁମରେ ଦେଇ ଆମ ପଡ଼ା ପଟେ କୌଣସି କାମରେ ଯାଇ ଫେରୁଥିଲେ। ଏହି ସମୟରେ ଆମ ପଡ଼ା ବରଗଛ ନିକଟରେ ରାସ୍ତା ଉପରେ ଏକ ବାଇକ ରଖା ହୋଇଥିଲା। ପାଖରେ କିଛି ଯୁବକ ଠିଆ ହୋଇଥିଲେ। ସେହି ବାଇକକୁ ବ୍ରଜରାଜ ସାଇଡ଼ କରିବାକୁ କହିବାରୁ ଯୁବକମାନେ ତାଙ୍କୁ ସଂଘବଦ୍ଧ ଭାବରେ ଆକ୍ରମଣ କରିଥିଲେ। ବାଡି, ଇଟାରେ ମାଡ ମାରିବା ସହିତ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୁଣ୍ଡ ଓ ହାତରେ ଗଭୀର କ୍ଷତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ସମ୍ପର୍କରେ ଖବର ପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚିଥିଲା। ବିନା କାରଣରେ ତାଙ୍କୁ ଆକ୍ରମଣ କରିଥିବା ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ବ୍ରଜରାଜଙ୍କ ପରିବାର ଲୋକେ ଦାବି କରିଛନ୍ତି।



# ସରକାରୀ ଆଇଟିଆଇ ପଡ଼ିଆରେ ହେବ ଯୋଗ ମହୋତ୍ସବ

**ବଲାଙ୍ଗିର, ୧୯।୬(ସମିସ):** ପତଞ୍ଜଳି ଯୋଗପୀଠର ତତ୍ତ୍ୱାବଧାନରେ ଆସନ୍ତା ୨୧ ତାରିଖ ଦିନ ଦଶମ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ଅବସରରେ ବଲାଙ୍ଗିର ଲର୍କିପାଲି ସରକାରୀ ଆଇଟିଆଇ ପଡ଼ିଆଠାରେ 'ସ୍ୱୟଂ ଓ ସମାଜ ପାଇଁ ଯୋଗ' ଶୀର୍ଷକରେ ଯୋଗ ମହୋତ୍ସବ ଅନୁଷ୍ଠିତ ହେବ। ସକାଳ ୫ଟାରୁ ୭ଟା ପର୍ଯ୍ୟନ୍ତ ଏହି ଯୋଗ ମହୋତ୍ସବରେ ଜିଲ୍ଲାର ଆବାଳ ବୃଦ୍ଧବନିତା ଯୋଗ ଦେଇ ଯୋଗ ଦିବସ ପାଳନ କରିବାକୁ ପତଞ୍ଜଳି ଯୋଗ ସମିତି ବଲାଙ୍ଗିର ଶାଖା ତରଫରୁ ଆଶୁତୋଷ ମିଶ୍ର ଆହ୍ୱାନ ଦେଇଛନ୍ତି। ପତଞ୍ଜଳି ଯୋଗ ସମିତି, ଭାରତ ସ୍ୱାଭିମାନ ମଞ୍ଚ, ପତଞ୍ଜଳି ଯୋଗ ସମିତି ମହିଳା ଶାଖା, କୃଷକ ସେବା ସମିତି, ଯୁବ ଭାରତ ତରଫରୁ ଆୟୋଜିତ ହେବାକୁ ଥିବା ଏହି ଯୋଗ ମହୋତ୍ସବ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଶ୍ରୀ ମିଶ୍ର। ଏହି ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗୀର ଜିଲ୍ଲା ପ୍ରଭାରୀ ଅଶୋକ ଅଗ୍ରୱାଲ, ଭାରତ ସ୍ୱାଭିମାନ ମଞ୍ଚର ଜିଲ୍ଲା ପ୍ରଭାରୀ ରଘୁନାଥ ଷଡଙ୍ଗୀ, ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧାମାଧବ ବହିଦାର, ପତଞ୍ଜଳି ମହିଳା ଶାଖା ପ୍ରଭାରୀ ସୁଜାତା ଦିଶ୍ରୀ, ଶାନ୍ତିପଡ଼ା ଯୋଗ କକ୍ଷର ପ୍ରଦୀପ ଖମାରୀ, ଦୀଲିପ ପାତ୍ର ଓ ସାରଥି ପଟେଲ, ଯୁବ ଭାରତର ସଭାପତି ଜ୍ୟୋତିପ୍ରକାଶ ସାହୁ ମଞ୍ଚାସୀନ ଥିଲେ। ପାଖାପାଖି ଦୁଇ ହଜାର ଲୋକ ଏହି ଯୋଗ ଦିବସରେ ଅଂଶଗ୍ରହଣ କରିବାର ଯୋଜନା ରହିଛି ବୋଲି ସୂଚନା ଦିଆଯାଇଛି।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ବଲାଙ୍ଗିର, ୧୯।୬(ସମିସ):** ବଲାଙ୍ଗିର ସହର କଂସାରୀପଡ଼ାସ୍ଥିତ ମଦନଗୁଡିଆ ଛକ ନିବାସୀ ଦେବେନ୍ଦ୍ର ସାହୁ (୬୪)ଙ୍କ ପରଲୋକ ହୋଇଛି। ପୂର୍ବରୁ ସେ ଯକୃତ ସଂକ୍ରମଣ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ରବିବାର ଦିନ ତାଙ୍କର ବାସଭବନରେ ମୃତ୍ୟୁ ହୋଇଥିଲା। ଶେଷ ସମୟରେ ଦେବେନ୍ଦ୍ରଙ୍କ ପତ୍ନୀ କନକ ମଞ୍ଜରୀ ସାହୁ, ଦୁଇ ଭାଇ ବୁଲୁ ଏବଂ ଗୁଣ୍ଡା, ଭାଉଜ, ଭାଇବୋହୂ, ଜ୍ୟେଷ୍ଠ ପୁତ୍ର ଶିବରାମ, କନିଷ୍ଠ ରାହୁଲ ଉପସ୍ଥିତ ଥିଲେ। ଦେବେନ୍ଦ୍ର ଜଣେ ଧର୍ମପରାୟଣ ଓ ମେଳାପୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳ ଓ ପରିଜନ ମହଲରେ ଶୋକର ଛାୟା ଖେଳିଯାଇଛି।



# ୫ ଦିନ ହେଲା ଯୁବକ ନିଖୋଜ

**ବଲାଙ୍ଗିର, ୧୯।୬(ସମିସ):** ବଲାଙ୍ଗିର ସହର ତୁଳସୀନଗରରେ ରହୁଥିବା ଅରୁଣ କୁମାର ସୁନା (୩୮) ଗତ ୫ ଦିନ ହେଲା କୁଆଡେ ନିଖୋଜ ଅଛନ୍ତି। ଏନେଇ ତାଙ୍କର ସ୍ତ୍ରୀ ରାଜଶ୍ରୀ ସୁନା ବୁଧବାର ସନ୍ଧ୍ୟାରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କର କହିବା ଅନୁସାରେ ଗତ ୧୪ ତାରିଖ ସକାଳ ପ୍ରାୟ ୧୦ଟାରେ ସେ ତୁଳସୀନଗର ସ୍ଥିତ ଭଡାଘରୁ ବାହାରି କୁଆଡେ ଯାଇଥିଲେ। ଗଲାବେଳେ ସେ ତାଙ୍କର ବାଇକ (ଓଡି୦୪ବି-୬୫୮୦) ରେ ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ପତ୍ତା ନ ମିଳିବାରୁ ଶେଷରେ ତାଙ୍କର ସ୍ତ୍ରୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କର ସ୍ୱାମୀଙ୍କୁ ଖୋଜି ବାହାର କରିବାକୁ ସେ ନିବେଦନ କରିଛନ୍ତି।



# ଚନ୍ଦ୍ରାବାହାଲରେ ଜଗନ୍ନାଥ ମନ୍ଦିର ପାଇଁ ଭୂମିପୂଜା



**ପାଟଣାଗଡ଼, ୧୯।୬(ସମିସ):** ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଚନ୍ଦ୍ରାବାହାଲ ଗ୍ରାମରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ବୁଧବାର ରୀତିନୀତି ଅନୁଯାୟୀ ଭୂମିପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଗତ ୨ ମାସ ତଳେ ପୁରୀ ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆଣିବା ପରେ ଗ୍ରାମରେ ଥିବା ପୁରୁଣା ମନ୍ଦିରକୁ ଭଙ୍ଗା ଯାଇଥିଲା। ବର୍ତ୍ତମାନ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଗ୍ରାମର ମାଉସୀ ମାଁ ମନ୍ଦିର ନିକଟରେ ପୂଜା କରାଯାଉଥିବାବେଳେ ପୁରୁଣା ମନ୍ଦିର ଥିବା ସ୍ଥାନରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଭୂମିପୂଜା କରାଯାଇଛି। ଏହି ଭୂମିପୂଜନ ସମୟରେ ଓମକାର ମିଶ୍ର, ଭେଙ୍କଟେଶ୍ୱର ଦାସ, ଘନଶ୍ୟାମ ପୁଟା, ବ୍ରଜମୋହନ ପୁଟା, ଶ୍ରୀଧର ପଟେଲ, ନାରାୟଣ ଧରୁଆ, ପରମେଶ୍ୱର ରାଏ, କେଶବ ପଧାନ ଏବଂ ନିରୋଜ ପଟେଲଙ୍କ ସହ ଗ୍ରାମର ଅନେକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।

# କର୍କଟ ରୋଗୀଙ୍କ ପାଇଁ କେଶ ଦାନ କଲେ ଦଶମ ଶ୍ରେଣୀ ଛାତ୍ରୀ

**ଟିଟିଲାଗଡ଼, ୧୯।୬(ସମିସ):** କର୍କଟ ରୋଗୀଙ୍କ ମୁହଁରେ ହସ ଫୁଟାଇବା ପ୍ରୟାସରେ ନିଜ କେଶ ଦାନ କରି ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ସ୍ଥାନୀୟ ଦଶମ ଶ୍ରେଣୀ ଛାତ୍ରୀ ପଲକ ଜୈନ। କର୍କଟ ରୋଗୀମାନେ କେମୋ ଥେରାପି ଚିକିତ୍ସା ପରେ ନିଜ କେଶ ହରାଇ ସାମାଜିକ ଗ୍ଲାନି ବୋଧ କରୁଥିବା ନଜିର ରହିଛି। ଏହି ଭଳି ରୋଗୀଙ୍କ ମାନସିକ ସ୍ଥିତିକୁ ସୁଦୃଢ଼ କରିବା ତଥା ସାମାଜିକ ଗ୍ଲାନିରୁ ରକ୍ଷା କରିବା ପାଇଁ ପଲକଙ୍କ ଏପରି ଅଭିନବ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



# ସିକିଲ୍ ସେଲ୍ ସଚେତନତା କାର୍ଯ୍ୟକ୍ରମ



**ବଙ୍ଗୋମୁଣ୍ଡା, ୧୯।୬ (ସମିସ):** ବଙ୍ଗୋମୁଣ୍ଡା ବ୍ଲକର ଖଇରା ଉପ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ସିକିଲ ସେଲ ଜନ ସଚେତନତା କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନିତା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ବିବିତା ବାଗ ଏବଂ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଓ ସାମ୍ବାଦିକ ଅନିଲ କୁମାର ଖମାରି ଯୋଗ ଦେଇଥିଲେ। ଦିବସ ପାଳନ ଅବସରରେ ଶହେ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ଅଞ୍ଚଳର ବିଭିନ୍ନ ଗାଁରୁ ଜନସାଧାରଣ ଉପସ୍ଥିତ ଥିଲେ।

## ଦୀପ ତଳ ଅନ୍ଧାର

# ପୁରୁଣା କୋଠାରେ ଚାଲିଛି ପୌର କାର୍ଯ୍ୟାଳୟ

**ବଲାଙ୍ଗିର, ୧୯।୬(ସମିସ)**

ଯିଏ ସାରା ସହର ପରିମଳ କଥା ବୁଝୁଛି ସେହି କାର୍ଯ୍ୟାଳୟରେ ପରିମଳ କଥା ବୁଝିବ କିଏ। କାର୍ଯ୍ୟାଳୟର ବିଭିନ୍ନ ସ୍ଥାନ ଆବର୍ଜନାମୟ ହୋଇ ପଡ଼ିରହିଛି। କେଉଁଠି ମେଞ୍ଚା ମେଞ୍ଚା ଆବର୍ଜନା ପଡ଼ିଛି ତ ଆଉ କେଉଁଠି ବିଭିନ୍ନ ସାମଗ୍ରୀ ପଡ଼ି ପୂତିଗନ୍ଧମୟ ହୋଇଛି। କାର୍ଯ୍ୟାଳୟ ଭିତର ସୁଗନ୍ଧ ମଧ୍ୟ ନ କହିବା ଭଲ। ଏ ଅବସ୍ଥା ବଲାଙ୍ଗିର ପୌରପାଳିକା କାର୍ଯ୍ୟାଳୟର ହୋଇଥିବା ବେଳେ ତା'ର ପରିମଳ ଅବସ୍ଥା ସୁଧାରିବାକୁ ସତେ ଯେମିତି ବିଭାଗୀୟ ଅଧିକାରୀଙ୍କ ପାଖରେ ସମୟ ନାହିଁ।

ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ପୌରପାଳିକା ହେଉଛି ବଲାଙ୍ଗିର। ସହରର ପରିମଳ ବ୍ୟବସ୍ଥା ଏହି କାର୍ଯ୍ୟାଳୟ ଅଧିନରେ ରହିଛି। କିନ୍ତୁ ଏହି କାର୍ଯ୍ୟାଳୟର ପରିମଳ ଅବସ୍ଥା ସତେ ଯେମିତି ନିଜ ଅଧିନରେ ନ ଥିବା ଭଳି ମନେ ହେଉଛି। ଦୀର୍ଘ ବର୍ଷ ଧରି ଏକ ପୁରୁଣା କୋଠାରେ ଏହି କାର୍ଯ୍ୟାଳୟ ଚାଲିଆସୁଛି। ପୁରୁଣା କୋଠାରେ ବିଭିନ୍ନ ସମୟରେ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ନୂଆ କାର୍ଯ୍ୟାଳୟ ନିର୍ମାଣ କରିବା ପାଇଁ ଯୋଜନା କରାଯାଇନାହିଁ। ଫଳରେ ଏହି କାର୍ଯ୍ୟାଳୟର ଛାତ ବହୁତ ପୁରୁଣା ହୋଇଥିବାରୁ



ଅନେକ ସ୍ଥାନରେ ଛାତ ଫାଟିଥିବା ଦେଖିବାକୁ ମିଳିଛି। କୌଣସି ବି ସାମଗ୍ରୀ ବ୍ୟବସ୍ଥିତ ଢଙ୍ଗରେ ନାହିଁ। କାର୍ଯ୍ୟାଳୟର ବିଭିନ୍ନ ସ୍ଥାନରେ ଆବର୍ଜନା ଗଦା ହୋଇରହିଥିବା ବେଳେ ତାହା କାର୍ଯ୍ୟାଳୟର ଶୋଭାକୁ ଆହୁରି କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟକୁ ପଶୁପଶୁ ମୋ ସରକାର କକ୍ଷ ନିକଟରେ ଥିବା ବିଦ୍ୟୁତ ୟୁନିଟ ମଧ୍ୟ ଅବ୍ୟବସ୍ଥିତ ହୋଇ ପଡ଼ିରହିଥିବା ବେଳେ ଏହାରି ନିକଟରେ ଆବର୍ଜନା ପଡ଼ିରହିଛି। ସେହିପରି କାର୍ଯ୍ୟାଳୟ ଭିତରେ ଅନେକ ସ୍ଥାନରେ ସାମଗ୍ରୀ ପଡ଼ିରହି ଆବର୍ଜନା ହୋଇସାରିଛି। ତଥାପି ତାହା ସଫା କରାଯାଉନଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟ ଚାରିପଟେ ଥିବା ଡ୍ରେନର ଅବସ୍ଥା ନ କହିବା ଭଲ। ଏହି କାର୍ଯ୍ୟାଳୟ ଭିତରେ ପୌରପାଳିକାର ସମସ୍ତ ବିଭାଗ ରହିଛି। ସମ୍ମିଳନୀ କକ୍ଷ ବି ରହିଛି। ଏପରିକି ପୌରଧକ୍ଷା ଓ ପୌର ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ଏତେ ସବୁ ବିଭାଗ ଓ ଅଧିକାରୀମାନଙ୍କ କୋଠାରେ ଜାଗା ହେଉ ନ ଥିବା ଦେଖିବାକୁ ମିଳିଛି। ବିଭିନ୍ନ କାମ ପାଇଁ ଆସୁଥିବା ହିତାଧିକାରୀ ମାନଙ୍କ ବସିବା ପାଇଁ ଭଲ ସ୍ଥାନ ଟିଏ ନ ଥିବା ବେଳେ କାର୍ଯ୍ୟାଳୟ ବାହାର ଦୁର୍ଗନ୍ଧ କଥା ନ କହିବା ଭଲ। ସହରର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ହୋଇଥିବା ବେଳେ କାହିଁକି ଏହିଭଳି ଦୟନୀୟ ଭାବେ ପଡ଼ିରହିଛି ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୂତନ କୋଠା ବିଷୟରେ କାହିଁକି ବିଭାଗ ଚିନ୍ତା କରୁନାହିଁ ତାହା ଏକ ବଡ ପ୍ରଶ୍ନ ହୋଇଛି। ଯେଉଁ କାର୍ଯ୍ୟାଳୟରୁ ସହର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣର ଯୋଜନା ପ୍ରସ୍ତୁତ କରାଯାଉଛି ସେହି କାର୍ଯ୍ୟାଳୟର ଏହି ଅବସ୍ଥା ଦେଖି ଲୋକେ ମଧ୍ୟ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଦିଗରେ ପୌରପାଳିକା ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

ବେହାଲ ପରିମଳ ବ୍ୟବସ୍ଥା, ଆବର୍ଜନା ଓ ଦୁର୍ଗନ୍ଧକୁ ନେଇ ଅସନ୍ତୋଷ
ପୁରୁଣା କୋଠାରେ ଟଙ୍କା ଖର୍ଚ୍ଚ ହେଉଛି
ନୂଆ କୋଠା ନିର୍ମାଣ ପାଇଁ ଯୋଜନା ନାହିଁ

# କର୍ଲାବାହଲି ଗାଁ ପୋଖରୀ ପଙ୍କ ଉଦ୍ଧାରରେ ଦୁର୍ନୀତି

**ତୁରେକେଲା, ୧୯।୬(ସମିସ):** ସରକାର ଗ୍ରାମାଞ୍ଚଳରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀ ଓ ରାଜନେତାଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସରକାରୀ ଅନୁଦାନ ଠିକ ଭାବେ ବିନିଯୋଗ ହୋଇପାରିନାହିଁ। ବଲାଙ୍ଗୀର ଜିଲ୍ଲାର ଉପାନ୍ତ ତୁରେକେଲା ବ୍ଲକ ଏହିଭଳି ଅନେକ ଘଟଣା ସାମ୍ନାକୁ ଆସିଛି। ହିଆଁଲ ପଞ୍ଚାୟତ ଅନ୍ତର୍ଗତ କର୍ଲାବାହଲି ଗାଁ ପୋଖରୀରୁ ପଙ୍କ ଅନେକ ବର୍ଷ ହେଲା ଉଦ୍ଧାର ହୋଇନାହିଁ। ଗାଁ ଲୋକେ ଅନେକ ଥର ଦାବି କରିଥିବା ବେଳେ ଚଳିତ ବର୍ଷ ପଞ୍ଚାୟତ ପାଣ୍ଠିରୁ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହି ପୋଖରୀରୁ ପଙ୍କ ଉଦ୍ଧାର କାମ ଚାଲିଛି। ହେଲେ ସରକାରୀ ନିୟମ ଅନୁସାରେ ପଞ୍ଚାୟତିରାଜ ବିଭାଗ ଯେ କୌଣସି କାମ ଆରମ୍ଭ ପୂର୍ବରୁ ସୂଚନାଫଳକ ଲଗାଇଥାଏ। ଯାହାଫଳରେ ପ୍ରତ୍ୟେକ ଲୋକ କାର୍ଯ୍ୟ ସମ୍ପର୍କରେ ତଥ୍ୟ ଜାଣିପାରିବେ। କିନ୍ତୁ ଏହି ପଙ୍କୋଦ୍ଧାର କାର୍ଯ୍ୟ ଆରମ୍ଭ ହେବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ଆଜିଯାଏ ସୂଚନାଫଳକ ଲଗାଯାଇନାହିଁ। ଖାଲି ଏତିକି ନୁହେଁ କାମ ଆରମ୍ଭ ଦିନରୁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ମଧ୍ୟ ଦେଖାନାହିଁ। କାହିଁକି ନା ଏହି ପଞ୍ଚାୟତରେ ଯେଉଁ ଯନ୍ତ୍ରୀ ଦାୟିତ୍ୱରେ ଥିଲେ ତାଙ୍କର ଅନ୍ୟତ୍ର ବଦଳି ହୋଇଛି। ଯେଉଁ ଯନ୍ତ୍ରୀ ଏବେ ସେହି ପଞ୍ଚାୟତ ଦାୟିତ୍ୱ ନେଇଛନ୍ତି ସେ କାର୍ଯ୍ୟରେ ଯୋଗ ଦେଇନାହାଁନ୍ତି। ବିନା ଯନ୍ତ୍ରୀଙ୍କ ଉପସ୍ଥିତିରେ ଉକ୍ତ ଠିକାଦାର ମନୋମୁଖୀ କାର୍ଯ୍ୟ କରି ସରକାରୀ ଅନୁଦାନକୁ ଆତ୍ମସାତ କରିବାକୁ ଯୋଜନା କରୁଥିବା ଅଭିଯୋଗ ହେଉଛି। ଏନେଇ ତୁରେକେଲା ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ନବ ମଳିକଙ୍କୁ ଯୋଗାଯୋଗ କରିଥିଲେ ହେଁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ବିନା ସୂଚନାଫଳକ ଏବଂ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି କାମ

# ରକ୍ତଶିକୁଳି ମୁକ୍ତ ସମାଜ ପାଇଁ ମାନସ ମନ୍ଥନ







ବୌଦ୍ଧ, ୧୯ ।୬(ସମିସ)

ବୌଦ୍ଧ ବନ୍ୟା ଆଶ୍ରୟସ୍ଥଳରେ ଜିଲ୍ଲାସ୍ତରୀୟ ରକ୍ତ ଶିକୁଳି ଜନିତ ରକ୍ତ ହୀନତା ସଚେତନତା ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେଜ ଜିଲ୍ଲାପାଳ ଜେ ସୋନାଲ ଯୋଗଦେଇ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ବୌଦ୍ଧ ପଞ୍ଚାୟତ କଲେଜର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମଦନ ମୋହନ ପ୍ରଧାନ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ସହକାରୀ ଜିଲ୍ଲା କଲ୍ୟାଣ ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ରକ୍ତ ଶିକୁଳି ଜନିତ ରକ୍ତ ହୀନତା ରୋଗର ଲକ୍ଷଣ, ନିରାକରଣ ଓ ସୁରକ୍ଷା ଉପରେ ଅତିଥିମାନେ ସଚେତନ କରିଥିଲେ। ଉକ୍ତ ଅବସରରେ ଆଜି ୧୪୭ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିବା ବେଳେ ଜିଲ୍ଲାପାଳଙ୍କ ଦ୍ୱାରା ରକ୍ତ ଶିକୁଳି ରୋଗରେ ପୀଡିତ ୧୦୩ ଜଣ ରୋଗୀଙ୍କୁ ଚିକିତ୍ସା କାର୍ଡ ବଣ୍ଟନ କରାଯାଇଥିଲା। ସମସ୍ତଙ୍କୁ ରକ୍ତ ପରୀକ୍ଷା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ ଏହି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାରେ ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ରୋଗୀ ଚିହ୍ନଟ ଓ ଚିକିତ୍ସା କରାଯିବ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ପ୍ରସୂତି କାଳୀନ ଏବଂ ଶିଶୁ ସାସ୍ଥ୍ୟକେନ୍ଦ୍ର ସଭାଗୃହରେରେ ବିଶ୍ୱ ସିକିଲସେଲ୍ଫ ସଚେତନତା ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ରବୀନ୍ଦ୍ରନାଥ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଡା.ପଣ୍ଡା ତାଙ୍କ ବକ୍ତବ୍ୟରେ ସିକିଲସେଲ ଜ'ଣ, ପିତାମାତାଙ୍କଠାରୁ ସନ୍ତାନମାନଙ୍କୁ କିପରି ସ୍ଥାନାନ୍ତର ହୁଏ ଏବଂ ଏହାକୁ କିପରି ଭାବରେ ନିୟନ୍ତ୍ରିତ କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସରୋଜ ସେଠ୍ ଗର୍ଭାବସ୍ଥାରେ ସିକିଲସେଲ୍ଫ ରୋଗ, ତତ୍‌ଜନିତ ଜଟିଳତା, ନିୟମିତ ପରୀକ୍ଷା, ଚିକିତ୍ସା ବିଷୟରେ ବିସ୍ତୃତ ଭାବରେ ଅଲୋଚନା କରିଥିଲେ। ସିକିଲସେଲ୍ଫ ଜନିତ ମାତୃମୃତ୍ୟୁ ଓ ଶିଶୁମୃତ୍ୟୁକୁ ରୋକିବା ପାଇଁ ବିଶେଷ ଯତ୍ନବାନ




ହେବା ଆବଶ୍ୟକ ବୋଲି ସେ କହିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ବଟକୃଷ୍ଣ ପାଢ଼ୀ ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ସାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ବିପିଏମ୍ ନାରାୟଣ ମେହେର ଗେଜେଲ ମେସିନ ଦ୍ୱାରା ସିକିଲସେଲ୍ଫ ରୋଗ ନିରୂପଣ, ସିକିଲସେଲ୍ଫ ରୋଗୀଙ୍କୁ ଚିକିତ୍ସା ପାଇଁ ପ୍ରଦାନ କରାଯାଉଥିବା ଯାତାୟାତ ଖର୍ଚ୍ଚ ବାବଦକୁ ମାସିକ ୫୦୦ ଟଙ୍କା ବିଷୟରେ ଆଲୋକପାତ କରିଥିଲେ। ଅଗ୍ରଣୀ ସେଚ୍ଛାସେବୀ ସଂସ୍ଥା 'ପ୍ରୟାସ'ର ସଭାପତି ପ୍ରଫୁଲ୍ଲ ବାରିକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସିକିଲସେଲ୍ଫ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ 'ପ୍ରୟାସ' ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର, ଡୁଙ୍ଗୁରିପାଲିସହ ମିଳିତ ଭାବରେ କାର୍ଯ୍ୟ କରିବ। ଏଥିପାଇଁ ଗ୍ରାମସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ପ୍ରକଳ୍ପ ଅଧିକାରୀ ରୀନା ପଣ୍ଡା, ଡା. ଆଲୋକ ରଞ୍ଜନ ପଣ୍ଡା, ଡା. କ୍ଷମାନିଧି ସାହୁ, , ଡା. ଆଶିଷ ଗୋୟଲ, ଡା. ସରିତା ଦାଶ, ଅର୍ଥ ପରିଚାଳକ ପ୍ରଦୀପ ସାହୁ, ତଥ୍ୟ ପରିଚାଳକ ଗଦାଧର ବାରିକ, ସାସ୍ଥ୍ୟକର୍ମୀ ପ୍ରକାଶ ସାହୁ, ସୌମ୍ୟରଞ୍ଜନ ମେହେର, ଉଗ୍ରସେନ ନାଗ, ନେତ୍ରାନନ୍ଦ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ପରିଚାଳନା କରିଥିବାବେଳେ ବି.ପି.ଏମ୍ ନାରାୟଣ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଲେବୋରେଟୋରୀ ଟେକ୍ନିସିଆନ ଉତ୍କଳ ନାଏକ ଓ ରବୀନ୍ଦ୍ର ପାଣ୍ଡେଙ୍କ ଦ୍ୱାରା ସିକିଲସେଲ୍ଫ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।

**କଣ୍ଟାମାଳ:** କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ପ୍ରଭାସିନୀ ଖଟୁଆଙ୍କ ଅଧକ୍ଷତାରେ ଏହା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡକ୍ଟର ଜଗଦୀଶ ସେଠୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ରକ୍ତ ଶିକୁଳି ଏବଂ ତାର ନିଦାନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ପୌଲସ୍ତି ପ୍ରଧାନ, କୁଶୁଲେଶ୍ୱର ସାହୁ, ଶିବଦତ୍ତ ପୁରୋହିତ, ଅଧ୍ୟାପିକା ମଧୁସ୍ମିତା ନନ୍ଦ, ନିର୍ମଳା ଭୋଇ, ଅଧ୍ୟାପକ ସୁନୀଲ ପୁଟା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଜୟପ୍ରକାଶ ମହଲା ଧନ୍ୟବାଦ ପ୍ରଦାନ କରିଥିଲେ।



ମନମୁଣ୍ଡା: ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡା. ମହେନ୍ଦ୍ର ସଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନମୁଣ୍ଡା ଏଲଏଚ୍‌ଭି ଅର୍ଚ୍ଚନା ଦାସ ମହାପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ୨୦୪୭ ସୁଦ୍ଧା ଭାରତକୁ ସିକିଲ ସେଲ ଏନିମିଆ (ରକ୍ତହୀନତା)ରୁ ମୁକ୍ତ କରିବା, ସଚେତନତା ସୃଷ୍ଟି, ପ୍ରଭାବିତ ଜନଜାତି ଅଞ୍ଚଳର ୦-୪୦ ବର୍ଷର ସମସ୍ତ ୭କୋଟି ଜନସାଧାରଣଙ୍କୁ ଯାଞ୍ଚ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ଚିହ୍ନିତ ରୋଗୀଙ୍କୁ ଚିକିତ୍ସା ଓ ସେବା ଯୋଗାଇ ଦିଆଯିବା ଏହାର ମୂଳ ଲକ୍ଷ୍ୟ ବୋଲି ଡା ସଏ କହିଥିଲେ। ସେହିପରି ସିକିଲ ସେଲ ରୋଗ କ'ଣ, ରକ୍ତହୀନତାର ଲକ୍ଷଣ କ'ଣ, ଏହାର ଯନ୍ତ୍ରଣା ସମସ୍ୟା କ'ଣ, ସିକିଲ ସେଲ ଏନିମିଆ ଲକ୍ଷଣର ଉପଚାର କିପରି, ଏହି ରୋଗ କିପରି ହୁଏ, ଭାରତରେ ସିକିଲ ସେଲ କେଉଁ ବର୍ଗଙ୍କ ପାଖରେ ବେଶି ଦେଖାଯାଏ ଇତ୍ୟାଦି ସମ୍ପର୍କରେ ଡା. ସଏ ବୁଝାଇ କହିଥିଲେ। ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ କିଏ ରୋଗୀ ଓ କିଏ ରୋଗର ବାହକ ଓ ସେମାନଙ୍କୁ କାହିଁକି ଓ କେବେ ପରୀକ୍ଷା କରାଯିବା ଆବଶ୍ୟକ ଉପରେ ଆଲୋକପାତ କରିଥିଲେ। ରକ୍ତ ସିକିଲି ଗେଜେଟ କିଟ୍ ପରୀକ୍ଷା କରାଯାଇଥିବା ରୋଗୀଙ୍କୁ ଏ ଅବସରରେ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।




ଶେଷରେ ପିଏଚଇଓ ସୁଦର୍ଶନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିପିଏମ୍ ରାକେଶ ମହାପାତ୍ର ପରିଚାଳନା କରିଥିଲେ।

**ବିନିକା:** ବିନିକାସ୍ଥିତ ସିଦ୍ଧାର୍ଥ ଡ଼ିଗ୍ରୀ କଲେଜରେ ବିଶ୍ୱ ରକ୍ତ ଶିକୁଳି ଦିବସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଧୀରେନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କଲେଜ ପରିଚାଳନା କମିଟି ସଭାପତି ପ୍ରଫେସର କିଶୋର ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି, ଅଧ୍ୟାପକ ରୁଦ୍ର ନାରାୟଣ ଦାଶ, ଅଧ୍ୟାପିକା ଦିବ୍ୟାଲୋକା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତ ଶିକୁଳି ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ନୋଡାଲ ଅଧିକାରୀ ତଥା ଅଧ୍ୟାପକ ବିଶ୍ୱନାଥ ମିଶ୍ର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଗୋପାଳ କୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ସୋନପୁର:** ସିକଲ୍ ସେଲ୍ଫ ବା ରକ୍ତ ଶିକୁଳି ରୋଗ ଏକ ବଂଶଗତ ରୋଗ। ଏହାଦ୍ୱାରା ରକ୍ତରେ ହିମୋଗ୍ଲୋବିନ ତିଆରି କରୁଥିବା ଜିନ୍ ତ୍ରୁଟିଯୁକ୍ତ ହୋଇଥାଏ। ଏହାଦ୍ୱାରା ଶରୀରରେ ଲୋହିତ ରକ୍ତକଣିକା କମିଯିବା, ଶରୀର ଓ ଗଣ୍ଠିରେ ଗମ୍ଭୀର ଯନ୍ତ୍ରଣା, ଥକ୍କାପଣ, ଆଖି ହଳଦିଆ ପଡ଼ିଯିବା, ନିଃଶ୍ୱାସ ପ୍ରଶ୍ୱାସରେ



କଷ୍ଟ, ବାରମ୍ବାର ସଂକ୍ରମିତ ହେବା, ଗର୍ଭାବସ୍ଥାରେ ଜଟିଳତା ଏବଂ ଅଙ୍ଗହୀନ ବା ବିକଳାଙ୍ଗ ହେବାପରି ଜଟିଳ ସ୍ଥିତି ଉପୁଜି ପାରେ। ଏହା ଏକ ଜରୁରୀକାଳୀନ ସ୍ଥିତି। ତେଣୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଆୟୋଜିତ ବ୍ଲକସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳନ ଉତ୍ସବରେ ଅଧକ୍ଷତା କରି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ରାମଶଙ୍କର ତ୍ରିପାଠୀ ଏହା କହିଛନ୍ତି। ଏହି ରୋଗ ବଂଶଗତ। ତେଣୁ ନିଜ ସ୍ୱାସ୍ଥ୍ୟ ଏବଂ ନିଜ ପରିବାରର ଭବିଷ୍ୟତ ସ୍ୱାସ୍ଥ୍ୟରକ୍ଷା ପାଇଁ ପରୀକ୍ଷଣ କରାଇ ଦେବାକୁ ସେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଯଦି ମାତା ପିତା ଉଭୟେ ସିକିଲ ସେଲ ରକ୍ତହୀନତା ଗ୍ରସ୍ତ ତେବେ ସନ୍ତାନସନ୍ତତି ମଧ୍ୟ ସିକଲସେଲ ରୋଗ ଦ୍ୱାରା ସଂକ୍ରମିତ ହୋଇଥାନ୍ତି। ତେଣୁ ବିବାହ ପୂର୍ବରୁ ରକ୍ତ ପରୀକ୍ଷା କରାଇ ନେଇ ସେହି ଅନୁସାରେ ନିଜ ଜୀବନସଂଗୀ ଚୟନ ପୂର୍ବକ ଏହି ଶିକୁଳିକୁ ଭାଙ୍ଗି ପାରିଲେ ରକ୍ତ ଶିକୁଳି ରୋଗକୁ ହରାଇ ହେବ ବୋଲି ସେ କହିଥିଲେ। ୨୦୪୭ ସୁଦ୍ଧା ଭାରତକୁ ସିକଲସେଲ ରକ୍ତହୀନତାରୁ ମୁକ୍ତ କରିବା ପାଇଁ କେନ୍ଦ୍ରୀୟ ବଜେଟରେ ଏକ ମିଶନ ଘୋଷଣା କରାଯାଇଛି। ଏଥିରେ ସଚେତନତା ସୃଷ୍ଟି, ପ୍ରଭାବିତ ଜନଜାତି ଅଞ୍ଚଳର ୦-୪୦ ବର୍ଷର ସମସ୍ତ ଜନସାଧାରଣଙ୍କୁ ଯାଞ୍ଚ, ଚିହ୍ନିତ ରୋଗୀକୁ ଚିକିତ୍ସା ଓ ସେବା ଯୋଗାଇ ଦିଆଯିବକୁ ଲକ୍ଷ୍ୟ ରହିଛି। ଚଳିତ ବର୍ଷ ଜୁନ ୧୯ରୁ ଜୁଲାଇ ୩ ପର୍ଯ୍ୟନ୍ତ ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ଚାଲୁଛି। ଏଥିରେ ସାମିଲ ହେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ ଏବଂ ଜନସାଧାରଣ ସାମିଲ ଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦ ଧରୁଆ ଉପସ୍ଥିତ ଥିବାବେଳେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ସିକଲସେଲ ରୋଗ ଚିହ୍ନଟ ପାଇଁ ରକ୍ତ ପରୀକ୍ଷା କରାଇଥିବା ହିତାଧିକାରୀଙ୍କୁ କାର୍ଡ଼ ବଣ୍ଟନ କରାଯାଇଥିଲା। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ପ୍ରିୟ ରଞ୍ଜନ ସାହୁ ସମଗ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥଲେ। ସ୍ୱାସ୍ଥ୍ୟ ପରିଦର୍ଶକ ଶାନ୍ତନୁ ମେହେର ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ରଞ୍ଜିତା ପଣ୍ଡା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



## ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି

# ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ

ସୋନପୁର, ୧୯ ।୬(ସମିସ)

ସୋନପୁର ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଜିଲ୍ଲା ଜରୁରୀକାଳୀନ ଶାଖା ଦ୍ୱାରା ଆହୁତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ବିଭିନ୍ନ ବିଭାଗ ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ପଦକ୍ଷେପ ଉପରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମର ତଥ୍ୟଗୁଡିକର ପ୍ରତ୍ୟେକଟି ବିନ୍ଦୁ ଉପରେ ବିଷଦ ଭାବରେ ଆଲୋଚନା କରି ସମ୍ଭାବ୍ୟ ବନ୍ୟାର ଠିକ୍ ଓ ସଫଳ ମୁକାବିଲା ନିମନ୍ତେ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟର ଅତ୍ୟନ୍ତ ଗୁରୁତର ପ୍ରଭାବକୁ ଧ୍ୟାନରେ ରଖି ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇ




ବନ୍ୟା ଆଶ୍ରୟ ସ୍ଥଳରେ ସମୟ ପୂର୍ବରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହିତ ବନ୍ୟା ସମ୍ବନ୍ଧୀୟ ଯେକୌଣସି ପୂର୍ବ ସୂଚନାର ବ୍ୟାପକ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସୁ ସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟ କରି ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ପ୍ରତ୍ୟେକ ଅଧିକାରୀ ତଥା କର୍ମଚାରୀ ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହି ସ୍ଥିତିକୁ ଦେଖି ତ୍ୱରିତ ପଦକ୍ଷେପ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟର ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଜିଲ୍ଲାସ୍ତର, ଉପଖଣ୍ଡସ୍ତର ବ୍ଲକସ୍ତର ତଥା ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀ ତଥା ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗର ଅଧିକାରୀମାନେ ବିଗତ ବର୍ଷର ଅଭିଜ୍ଞତାକୁ ନେଇ ବିଭାଗର ଜରୁରୀ କାର୍ଯ୍ୟକୁ ସମୟ ପୂର୍ବରୁ ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଆଶ୍ରୟସ୍ଥଳୀ ସଂଯୋଜକ ସୁଦେଶ ସେଠୀ ଯୋଗଦାନ କରି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓସଡ଼ମା ଓ ଏନଡିଆରଏଫର ଭୂମିକା ଉପରେ ଆଲୋକପାତ କରି ପ୍ରତ୍ୟେକ ବିଭାଗ ସଂଗଠିତ ହୋଇ ନିଜ ନିଜର ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କଲେ ଆମେ ନିଶ୍ଚିତ ସଫଳ ହେବା ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଏହି ବୈଠକରେ ସମସ୍ତ ବ୍ଲକସ୍ତର ସହ ସୋନପୁର ମୁନିସିପାଲିଟି, ବିନିକା ଓ ତରଭା ଏନଏସିରେ ମଧ୍ୟ ଟେବୁଲ ଟପ୍ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିଲା। ବୁଧବାର ଜିଲ୍ଲାରେ ୬ଟି ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସୋନପୁର ଉପ ଜିଲ୍ଲାପାଳ ସୁରଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ନିମନ୍ତେ ବିଭାଗ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଦୃଢ଼ ମାନସିକତା ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ମାଇକ୍ରୋ ପ୍ଲାନିଂ କରି ବିଭାଗୀୟ କାର୍ଯ୍ୟର ଦାୟିତ୍ୱ ବଣ୍ଟନକୁ ନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ ଶାଖା ଅଧିକାରୀ ଶୁଭଶ୍ରୀ ରଥ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଜରୁରୀ ଶାଖାର ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ କାର୍ଯ୍ୟକ୍ରମ ର ରୂପରେଖ ଏବଂ କାର୍ଯ୍ୟଖସଡ଼ା ଉପରେ ସୂଚନା ପ୍ରଦାନ କରିଥିଲେ।

# ଅଧ୍ୟାପକ ଦମ୍ପତି ସମ୍ମାନିତ



**ବୀରମହାରାଜପୁର, ୧୯ ।୬(ସମିସ):** କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ କୈବଲ୍ୟ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ବସୁମତୀ ସ୍ନାନ ସାରସ୍ୱତ ସମାରୋହ ଓ ପ୍ରଥମ ଗବେଷଣାତ୍ମକ ସାହିତ୍ୟ ସମାରୋହରେ 'ରାଜ୍ୟସ୍ତରୀୟ ବସୁମତୀ ମାଆ ସମ୍ମାନ ୨୦୨୪' ପ୍ରଦାନ କରାଯାଇଛି। ଏହି ସମାରୋହରେ ଅଧ୍ୟାପିକା ସନ୍ତୋଷିନୀ ନାୟକଙ୍କୁ ରାଜ୍ୟସ୍ତରୀୟ ବସୁମତୀ ମାଆ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଅଧ୍ୟାପକ ସୁବ୍ରତ ପଣ୍ଡାଙ୍କୁ ମଧ୍ୟ ରାଜ୍ୟସ୍ତରୀୟ ବସୁମତୀ ମାଆ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। କୈବଲ୍ୟ ସାହିତ୍ୟ ସଂସଦ ଓଡ଼ିଶାର ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ଉପସ୍ଥିତରେ ଓଡ଼ିଶାର ଗଣପର୍ବ ରଜ ଉତ୍ସବରେ ଏକ ଗବେଷଣାତ୍ମକ ସାହିତ୍ୟ ଆସରରେ ଉଭୟ ଅଧ୍ୟାପକ ଦମ୍ପତିଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା।

